# ମା କନକ ବାୟୋଫର୍ଟିଲାଇଜର୍ – ଏକ ସଫଳ କାହାଣୀ

ଜନ ସଂଖ୍ୟା ର ବୃଦ୍ଧି  ସହିତ କୃଷିଜାତ ପଦାର୍ଥର ଉତ୍ପାଦନ ବୃଦ୍ଧି ପାଇଁ ରାସାୟନିକ ସାର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଗଲା ।  ଏହାର ଫଳସ୍ୱରୂପ ପରବ□ସମୟରେ ଏହା ଜମିର ଉର୍ବରତାକୁ ହ୍ରାସ କରିବା ସହ ଜୈବ ଗଠନକୁ ବିଶୃଙ୍ଖଳିତ କରି ପରିବେଶର ସନ୍ତୁଳନ ଉପରେ କୁପ୍ରଭାବ ପକାଇଲା ।  ଜୈବିକ ପଦ୍ଧତି ଅବଲମ୍ବନ କରି ମୃ□ିକାର ସ୍ୱାସ୍ଥ୍ୟ ଓ ଉର୍ବରତା ରକ୍ଷାକରିବା ଯେ ଏକାନ୍ତ ଜରୁରୀ ଏହା ଉପଲବ୍ଧି କରି ଜଣେ ଯୁବ କୃଷିବିତ୍ ଏ ଦିଗରେ ଆଗେଇ ଚାଲିଲେ । ସେ ହେଲେ ଡକ୍ଟର ଦୀପକ କୁମାର ସାହୁ ।

ଡକ୍ଟର ଦୀପକ କୁମାର ସାହୁ ଜଣେ ସଫଳ କୃଷି ଉଦ୍ୟୋଗୀ । ଡକ୍ଟର ସାହୁ ୧୯୯୯ ମସିହାରେ ଓଡିଶା କୃଷି ବିଶ୍ୱବିଦ୍ୟାଳୟରୁ କୃଷିରେ ସ୍ନାତକ ଡିଗ୍ରୀ ହାସଲ କଲାପରେ ପଶ୍ଚିମ ବଙ୍ଗର ବିଧାନଚନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା ଲାଭ କରିଛନ୍ତି ।  ତା'ପରେ ସେହିଠାରେ କୃଷିକ୍ଷେତ୍ରରେ ଉଚ୍ଚତର ଗବେଷଣା (Doctorate) କରୁଥିଲା ସମୟରେ ଜିଆଖତ (Vermi Compost) ଉତ୍ପାଦନ ଉପରେ ତାଙ୍କର ଆଗ୍ରହ ସୃଷ୍ଟି ହେଲା । ୨୦୦୫ ମସିହାରେ ଓଡିଶାକୁ ଫେରିଲାପରେ 'Nandan Biometrics' ନାମକ ଏକ ହାଇଦରାବାଦର କମ୍ପାନୀରେ ଓଡିଶା ପାଇଁ Consultant ହିସାବରେ ଯୋଗଦେଲେ । କମ୍ପାନୀ ଓଡିଶାରେ ପ୍ରାୟ ୩୦୦ ଏକର ଜମିରେ contact farming  ପ୍ରକ୍ରିୟାରେ ଔଷଧୀୟ ବୃକ୍ଷ ଚାଷ କରୁଥିଲା, ଯେଉଁଥିରେ କି ଯଥେଷ୍ଟ ପରିମାଣରେ Vermi Compost ପ୍ରୟୋଗ କରାଯାଉଥିଲା । ସେ ସମୟରେ Vermi Compostର କୌଣସି ବଜାର ମୂଲ୍ୟ ନିର୍ଦ୍ଧାରଣ କରାଯାଇନଥିଲା । ଓଡିଶାରେ କୌଣସି ଉଦ୍ୟୋଗୀ ବ୍ୟବସାୟୀକ ଭି□ିରେ ଜିଆଖତ ଉତ୍ପାଦନ କରୁନଥିଲେ । ତେଣୁ ଡକ୍ଟର ସାହୁ ଜିଆଖତ ର ଆବଶ୍ୟକତା କୁ ଅଖିରେ ରଖି ୨୦୦୫-୦୬ ମସିହାରେ ଟ.୭.୦୦ ଲକ୍ଷ ଟଙ୍କା ମୂଳଧନ ନେଇ ଏକ Vermi Compost Unit ସ୍ଥାପନ କଲେ । ନିଜେଜଣେ କୃଷି ସ୍ନାତକ ଡିଗ୍ରୀଧାରୀ ହୋଇଥିବାରୁ ତଥା ସୁଚାରୁ ରୂପେ ପରିଚାଳନା କରୁପାରିଥିବାରୁ ଜିଆଖତ ପ୍ରକଳ୍ପରୁ ଯଥେଷ୍ଟ ଲାଭ ମିଳିପାରିଥିଲା । ତେଣୁ ୨୦୦୮ ମସିହାରେ 'ମା କନକ ବୋୟୋଫଟିଲାଇଜର' ନାମରେ ଏକ ୩୦୦ ମେଟ୍ରିକ୍ ଟନ୍ କ୍ଷମତା ସମ୍ପନ୍ନ ଜିଆଖତ

ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ '**ଆପିକଲ**' ଜରିଆରେ 'ରାଜ୍ୟ କୃଷିନୀତି' ରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ କଲେ । ଏଥିପାଇଁ ନିଜେ ଟ.୨୫.୦୦ ଲକ୍ଷ ଟଙ୍କା ବିନିଯୋଗ କରିବା ସହ ବ୍ୟାଙ୍କ ରୁ ଟ.୬୭.୦୦ ଲକ୍ଷ ଟଙ୍କା ଋଣ ନେଇଥିବା କଥା କହନ୍ତି ଡ. ସାହୁ । ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେବାପରେ **ଆପିକଲରୁ** ୨୦୧୦ ମସିହାରେ ଡକ୍ଟର ସାହୁ ଟ.୨୦.୦୦ ଲକ୍ଷ ଟଙ୍କା ସହାୟତା ରାଶି (Capital Investment Subsidy) ପାଇଥିଲେ, ଯାହାକି ତାଙ୍କୁ ଋଣ ପରିଶୋଧରେ ଯଥେଷ୍ଟ ସହାୟତା କରିଥିଲା । ତା'ପର ଠାରୁ ଡକ୍ଟର ସାହୁ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି । ୨୦୧୧ ମସିହାରେ ଷ୍ଟିଭିୟା, ଅଶ୍ୱଗନ୍ଧା, ସର୍ପଗନ୍ଧା, kalamegh ପ୍ରଭୃତି ଔଷଧୀୟ ଉଦ୍ଭିଦ ଚାଷକରି ଦିଲ୍ଲି, ପୁନା, ଇନ୍ଦୋର ପ୍ରଭୃତି ସ୍ଥାନରେ ସଫଳ ଭାବରେ marketing କରିଥିଲେ । ପରବର୍ତ୍ତୀ ସମୟରେ ୨୦୧୫ ମସିହାରେ ଢେଙ୍କାନାଳ ଜିଲ୍ଲାରେ ଚାଷୀମାନଙ୍କ ଠାରୁ ଜମି ଲିଜ୍ ସୂତ୍ରରେ ନେଇ ଆଳୁ, ପନିପରିବା ତଥା ବାସ୍ନାଚାଉଳ ଉତ୍ପାଦନ କରିଆସୁଛନ୍ତି । ନିଜେ backward ତଥା forward linkage ସୃଷ୍ଟିକରି ସୂଚାରୁ ରୂପେ manage କରିପାରିଥିବାରୁ marketing problem କେବେ ହୋଇନାହିଁ ବୋଲି କହନ୍ତି ଡକ୍ଟର ସାହୁ । ବର୍ତ୍ତମାନ ତାଙ୍କର turn over ଟ.୫.୩୦ କୋଟି ଟଙ୍କା । ଜିଆଖତ ଉତ୍ପାଦନ କରି ତଥା ଅନ୍ୟାନ୍ୟ କୃଷି ଭିତ୍ତିକ ବ୍ୟବସାୟରୁ ସେ ବର୍ଷକୁ ପାଖାପାଖି ଟ.୨୦.୦୦ ଲକ୍ଷ ଟଙ୍କା ଲାଭ କରିପାରୁଛନ୍ତି ବୋଲି କହନ୍ତି ଡକ୍ଟର ସାହୁ । ଶିକ୍ଷିତ ଯୁବକ ଯୁବତୀମାନଙ୍କୁ କୃଷିକ୍ଷେତ୍ରକୁ ଆକର୍ଷିତ କରିବା ପାଇଁ ଡକ୍ଟର ଦୀପକ ସାହୁ ଏକ ଜ୍ୱଳନ୍ତ ଉଦାହରଣ ।








MAA KANAK BIOFERTILIZERS